To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ


ଫେବୃୟାରୀ ୧ରେ ଆରମ୍ଭ ସାଧାରଣ ବଜେଟ

R.N.I. No.-42041/83 Vol-15, Issue No.187, ଭଦ୍ରକ, ଶନିବାର, ୬, ଜାନୁୟାରୀ ୨୦୧୮ ■ Bhadrak, Saturday, 6 January 2018 Rs. 2.00 Pages-8

ମୁକୁଳିଲେ ଚିଟ୍‌ଫଣ୍ଡ ଖଳନାୟକ

- ସିସୋର କମ୍ପାନୀର ମୁଖ୍ୟ ପ୍ରଶାନ୍ତ ଦାସ
- ୭ଶହ କୋଟି ଟଙ୍କାର ଠକେଇର ମାଷ୍ଟର ମାଇଣ୍ଡ
- କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ
- ଜମାକାରୀଙ୍କ ଅର୍ଥ ଫେରାଇବି : ପ୍ରଶାନ୍ତ ଦାସ

ଭୁବନେଶ୍ୱର,୫।୧(ସକାଳଖବର): ଚିଟଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିବା ସିସୋର ସଂସ୍ଥା ମୁଖ୍ୟ ପ୍ରଶାନ୍ତ ଦାଶ ଶୁକ୍ରବାର ଜେଲ୍ ରୁ ମୁକୁଳିଛନ୍ତି । ତାଙ୍କ ବିରୋଧରେ ଥିବା ୮ ଟି ମାମଲାରେ ଜାମିନ୍ ପାଇବା ପରେ ପ୍ରାୟ ୪ ବର୍ଷ ପରେ ଝାରପଡା ଜେଲରୁ ଛାଡ୍ ପାଇଛନ୍ତି ପ୍ରଶାନ୍ତ। ଯାଜପୁରରୁ ନବରଙ୍ଗପୁର, ଭୁବନେଶ୍ୱରରୁ ବଲାଙ୍ଗୀର ପର୍ଯ୍ୟନ୍ତ ପୁରା ଓଡ଼ିଶାକୁ ବ୍ୟାପିଥିଲା ସିସୋରର ସାମ୍ରାଜ୍ୟ । ଲକ୍ଷ ଲକ୍ଷ ଜମାକାରୀ କୋଟି କୋଟି ଟଙ୍କା ହରାଇଥିବା ବେଳେ ଶେଷରେ ୨୦୧୩ରେ ପ୍ରଶାନ୍ତଙ୍କୁ ମୁମ୍ବାଇରୁ କ୍ରାଇମବ୍ରାଂଚ ଗିରଫ କରିଥିଲା। ପରେ ସିସୋର ଚିଟଫଣ୍ଡ ଠକେଇ ମାମଲା ସିବିଆଇ ହାତକୁ ଯାଇଥିଲା । ୭ଶହ କୋଟିର ଠକେଇ ନେଇ ଅଭିଯୋଗ ହୋଇଥିବା ବେଳେ ସିବିଆଇ ପ୍ରାରମ୍ଭିକ ଚାର୍ଜସିଟରେ ୫୪୦ କୋଟି ଠକେଇ ନେଇ ଉଲ୍ଲେଖ କରିଥିଲା। ବର୍ତମାନ ପାଇଁ ସାମୟିକ ଭାବରେ ପ୍ରଶାନ୍ତ ଦାସଙ୍କୁ ମୁକ୍ତି ମିଳିଥିଲେ ସୁଦ୍ଧା, ଏମାମଲା ଏବେବି ଖୋଲା ରହିଛି । ଏବେ ବି ସିବିଆଇର ଫାଇନାଲ ଚାର୍ଜସିଟ ଦାଖଲ କରିନାହିଁ ।

ମୁଁ ଜମାକାରୀଙ୍କ ଅର୍ଥ ଫେରାଇବି। ମୋର ୮ଶହ କୋଟି ଟଙ୍କାର ସମ୍ପତି ଆଟାଚ୍ ହୋଇଛି। ଜମାକାରୀଙ୍କୁ ଶୀଘ୍ର ଅର୍ଥ ଫେରାଇବା ପାଇଁ କୋର୍ଟରେ ଆବେଦନ କରିବି ବୋଲି ଜେଲ୍ ରୁ ମୁକୁଳିବା ପରେ ସିସୋର ଚିଟଫଣ୍ଡ ସଂସ୍ଥା ମୁଖ୍ୟ ପ୍ରଶାନ୍ତ ଦାଶ କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ମେ ୨୯ ମିଡ୍ ନାଇଟ୍ ଅପରେସନ୍ ପରେ ସିସୋରକୁ ସୁନାମି ଆସିଥିଲା । ତେବେ ଏହି ସୁନାମି କଣପାଇଁ ଆସିଥିଲା ତାହା ସେ ଜାଣନ୍ତି ନାହିଁ। ମିଡନାଇଟ୍ ଅପରେସନ୍ ସହିତ ସିସୋରର ଲିଙ୍କ୍ ସମ୍ପର୍କରେ ସେ ଜାଣନ୍ତିନାହିଁ। ତାଙ୍କର କୌଣସି ରାଜନୈତିକ ଲିଙ୍କ୍ ନାହିଁ । ଚିଟଫଣ୍ଡ ମଧ୍ୟସ୍ତି ବୋଲି କୁହାଯାଉଥିବା ଶୁଭଙ୍କର ନାୟକଙ୍କୁ ମଧ୍ୟ ସେ ଜାଣନ୍ତି ନାହିଁ । ମାତ୍ର ସିସୋର

ଜାନୁଆରୀ ୨୯ରୁ ସଂସଦରେ ବଜେଟ ଅଧିବେଶନ

ନୂଆଦିଲ୍ଲୀ, ୫।୧ : ଆଜି ଶୀତକାଳିନ ଅଧିବେଶନର ଶେଷ ଦିନ ହୋଇଥିବା ବେଳେ ଆସନ୍ତା ଜାନୁଆରି ୨୯ ତାରଖରୁ ଆରମ୍ଭ ହେବ ସଂସଦର ବଜେଟ ଅଧିବେଶନ । ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ର ଅନନ୍ତ କୁମାର କହିଛନ୍ତି ଯେ ଜାନୁଆରି ୨୯ ତାରିଖରେ ରାଷ୍ଟ୍ରପତି ଉଭୟ ଗୃହର ସାଂସଦମାନଙ୍କୁ ମିଳିତ ଅଧିବେଶନରେ ଅଭିଭାଷଣ ପ୍ରଦାନ କଲାପରେ ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଆନୁଷ୍ଠାନକ ଭାବେ ଆରମ୍ଭ ହେବ ।

ସେହିଦିନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ କରିବେ । ଏହାପରେ ଫେବୃଆରି ୧ ତାରିଖରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସଂସଦରେ ସାଧାରଣ ବଜେଟ ଉପସ୍ଥାପିତ କରିବେ ଅର୍ଥମନ୍ତ୍ରୀ ଶ୍ରୀ ଜେଟଲୀ । ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଜାନୁଆରି ୨୯ ତାରିଖରୁ ଆରମ୍ଭ ହୋଇ ଫେବ୍ରୁଆରି ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହୋଇ ଅପ୍ରେଲ ୬ ତାରିଖରେ ଶେଷ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନନ୍ତ କୁମାର ସୂଚନା ଦେଇଛନ୍ତି ।

ଲୋକଙ୍କ ବିଶ୍ୱାସ ବଜାୟ ରଖୁ କମିଶନରେଟ୍ ପୋଲିସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୧(ସକାଳଖବର): ଆପଣମାନେ ସବୁବେଳେ ଲୋକଙ୍କ ସହିତ ରୁହନ୍ତୁ ଏବଂ ଲୋକଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ କାମ କରନ୍ତୁ । ଆଜି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ କଟକ-ଭୁବନେଶ୍ୱର କମିଶନରେଟ୍ ପୋଲିସର ୧୦ ବର୍ଷ ପୂର୍ତି ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହିଳା, ଶିଶୁ ଓ ବରିଷ୍ଠ ନାଗରିକ ମାନଙ୍କ ଅଭିଯୋଗକୁ ପୋଲିସ ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର । ସେମାନଙ୍କ ଅଭିଯୋଗର ତ୍ୱରାନ୍ୱିତ ଅନୁସନ୍ଧାନ କରି ସମାଧାନ କରିବାପାଇଁ ଉଦ୍ୟମ କରିବାକୁ ସେ କହିଥିଲେ । କମିଶନରେଟ୍ ପୋଲିସ ଗତ ୧୦ ବର୍ଷ ମଧରେ ଅନେକ ସଫଳତା ସହିତ ଆହ୍ୱାନର ମଧ

କମିଶନରେଟ୍ ପୋଲିସ ସ୍ଥାପନର ୧୦ ବର୍ଷ ପୂର୍ତ୍ତି ପାଳନ

ମହାନଦୀ ପ୍ରସଙ୍ଗରେ ନବୀନଙ୍କୁ ଗଡକରୀଙ୍କ ଚିଠି

ଭୁବନେଶ୍ୱର, ୫।୧(ସକାଳଖବର): ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁବିଧା ମୁତାବକ ତାରିଖ ଦେଲେ ସେହି ଅନୁସାରେ ସେ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଏହି ସାକ୍ଷାତ ଆଲୋଚନା ପାଇଁ ବ୍ୟବସ୍ଥା କରିବେ ବୋଲି କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ନରତିନ ଗଡକରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଗତ ୨ ତାରିଖରେ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଏହି ପତ୍ର ଲେଖିଥିଲେ । ସଂସଦରେ ମହାନଦୀ ସଂପର୍କରେ ବିଜେଡି ସାଂସଦଙ୍କୁ ଉତର ଦେବା ପୂର୍ବରୁ ଗତ ଜାନୁଆରୀ ୨ ତାରିଖରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଥିଲେ । ତାଙ୍କ ମଧ୍ୟସ୍ଥତାରେ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ପାଇଁ ଶ୍ରୀ ଗଡକରି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସହଯୋଗୀ ସଂଘୀୟ ବ୍ୟବସ୍ଥାର ଭାବନାରେ ଏହି ବିବାଦକୁ ସମାଧାନ କରିବା ପାଇଁ ଆଉ ଏକ ନିଷ୍ପାପର ଉଦ୍ୟମ କରିବାକୁ କେନ୍ଦ୍ରମନ୍ତ୍ରୀ ଏହି ପତ୍ରରେ ଅନୁରୋଧ କରିଥିଲେ ।

ଏହି ପତ୍ରରେ ଶ୍ରୀ ଗଡକରୀ କହିଥିଲେ ଯେ ମଧ୍ୟ ପ୍ରଦେଶ ଓ ଓଡିଶା ମଧ୍ୟରେ ୨୭.୦୪.୧୯୮୩ ରେ ହୋଇଥିବା ବୁଝାମଣାରେ ମହାନଦୀ ନେଇ ବିବାଦକୁ ଜଏଂଟ କଂଟ୍ରୋଲ ବୋର୍ଡ ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ମଧ୍ୟ ପ୍ରଦେଶ ଓ ଉତର ପ୍ରଦେଶ ମଧ୍ୟରେ ବେଟବା ନଦୀର ବିବାଦ ଏବଂ ବିହାର, ମଧ୍ୟପ୍ରଦେଶ ଓ ଉତର ପ୍ରଦେଶର ସୋନେ ନଦୀର ବିବାଦ ସମାଧାନ ପାଇଁ ବନସାଗର ନଦୀ ବୋର୍ଡ ଗଠନ କରା ଯାଇଛି । ଏହି ପରିପ୍ରେକ୍ଷୀରେ ଓଡିଶା ମହାନଦୀ ବିବାଦର ଲମ୍ବା କଥାବାର୍ତା ପାଇଁ ଛତିଶଗଡ ସହ ରିଭର ବୋର୍ଡ ସମ୍ପର୍କରେ ଚିନ୍ତା କରିବାକୁ ମଧ୍ୟ ଶ୍ରୀ ଗଡକରୀ ଏହି ପତ୍ରରେ ଉଲ୍ଲେଖ କରିଥିଲେ । ଆନ୍ତଃ ରାଜ୍ୟ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ ଗଠନ ଫଳପ୍ରଦ ସମାଧାନ ଦେଇ ନାହିଁ । ଏପରିକି ରାବି, ବ୍ୟାସ ତଥା କାବେରୀ ନଦୀ ବିବାଦ ମାମଲାରେ ଯଥାକ୍ରମେ ୩୦ ବର୍ଷ ଓ ୨୭ ବର୍ଷ ଧରି ବିବାଦର ସମାଧାନ ନ ହୋଇ ପଡି ରହିଥିବା ଏହି ପତ୍ରରେ ଉଲ୍ଲେଖ ରହିଛି ।

ଆନ୍ତ ରାଜ୍ୟ ଜଳ ବିବାଦ ଆଇନ

ଆଲୋଚନା ପାଇଁ ସୁବିଧା ମୁତାବକ ସମୟ କହିବାକୁ ଅନୁରୋଧ

ପାକିସ୍ତାନକୁ ନିରାପତ୍ତା ସହାୟତା ବନ୍ଦ କଲା ଆମେରିକା

ୱାଶିଂଟନ, ୫।୧(ସକାଳଖବର): ସୈନ୍ୟ ସହାୟତା ରୋକିବା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱାରା ସମାଲୋଚିତ ହେବା ପରେ ଏବେ ଇସଲାମାବାଦ୍ ଓ ଆମେରିକା ମଧରେ ସମ୍ପର୍କ ତିକ୍ତ ହେବାରେ ଲାଗିଛି । ତେବେ ଠିକ ଏତିକି ବେଳେ ଆମେରିକା ପାକିସ୍ତାନକୁ ଆଉ ଏକ ବଡ଼ ଝଟକା ଦେଇଛି । ପାକିସ୍ତାନକୁ ନିରାପତ୍ତା ସହାୟତା ବାବଦରେ ଦିଆ ଯାଉଥିବା ୧. ୧୫ ବିଲିୟନ୍ ଆମେରିକୀୟ ଡଲାର୍‌କୁ ଆମେରିକା ସ୍ଥଗିତ କରିଛି । ନିଜ ଦେଶର ସୀମାରେଖା ମଧରେ ଇସ୍‌ଲାମାବାଦ ଆଫଗାନ ତାଲିବାନ ଏବଂ ହକାନି ନେଟ୍‌ୱାର୍କର ଆତଙ୍କବାଦୀ ଦଳଙ୍କୁ ସ୍ଥାନ ଦେଇଛି ଏବଂ ସେମାନଙ୍କ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଚ୍ଛା କରୁ ନାହିଁ ବୋଲି ଆମେରିକା ଦୋଷାରୋପ କରିଛି । ଷ୍ଟେଟ୍ ଡିପାର୍ଟମେଣ୍ଟର ମୁଖପାତ୍ର ହିଥର୍ ନରେଟ୍ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଆଜି ଆମେ ନିଶ୍ଚିତ କରି କହୁଛୁ କି, ଆମେ ଏବେ କେବଳ ଜାତୀୟ ନିରାପତ୍ତା ସହାୟତା ସ୍ଥଗିତ ରଖୁଛୁ । ଆଫଗାନ୍ ତାଲିବାନ ଏବଂ ହକାନି ନେଟ୍‌ୱାର୍କ ବିରୋଧ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯାଏଁ ଏହି ସହାୟତା ରାଶି ସ୍ଥଗିତ ରହିବ । ଆମ ବିଚାରରେ ସେମାନେ ସେ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରିବା ସହ ଆମେରିକୀୟ ନାଗରିକମାନଙ୍କୁ ଆକ୍ରମଣ କରୁଛନ୍ତି । ପାକିସ୍ତାନକୁ

୫ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ : ଜଣେ ଗିରଫ

ବାଲେଶ୍ୱର, ୫।୧(ସକାଳଖବର): ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ନୀଳଗିରି ରେଞ୍ଜ୍ ର କାଂଶ ଅଂଚଳରୁ ୫ କେ.ଜି. ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଘଟଣାରେ ରବି ନାରାୟଣ ମହାପାତ୍ର(୬୧)ଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଛି ।


ଆରବିଆଇ ଜାରି କଲା କୋଣାର୍କ ଚକ୍ର ଚିହ୍ନିତ ୧୦ ଟଙ୍କିଆ ନୋଟ୍

ହ୍ରାସ ପାଇବ ଜିଡିପିର ଅଭିବୃଦ୍ଧି ଦର

ଆର୍ଥିକ ବର୍ଷ ୨୦୧୭-୧୮ରେ ରହିବ ୬.୫%

ନୂଆଦିଲ୍ଲୀ,୫।୧: ଦେଶର ସକଳ ଘରୋଇ ଉତ୍ପାଦ(ଜିଡିପି) ଆର୍ଥିକ ବର୍ଷ ୨୦୧୭-୧୮ ମଧରେ ୬.୫ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି । ୨୦୧୬-୧୭ରେ ଜିଡିପିର ଅଭିବୃଦ୍ଧି ଦର ୭.୧ ପ୍ରତିଶତ ଥିଲା । ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ(ସିଏସଓ) ଦ୍ୱାରା ଜାରି ତଥ୍ୟରୁ ଏହି ସୂଚନା ସାମ୍ନାକୁ ଆସିଛି । ନୋଟବନ୍ଦୀ ଓ ଜିଏସଟି ପରେ ଦେଶର ଆର୍ଥିକ ବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତିକରୁଥିବା ନେଇ ବିରୋଧୀଙ୍କ ଅଭିଯୋଗର ଶୀକାର ହେଉଥିବା ସରକାରଙ୍କ ପାଇଁ ସିଏସଓର ଏହି ତଥ୍ୟ କୌଣସି ଝଟକାଠୁ କମ୍ ନୁହେଁ। ଅର୍ଥ ବ୍ୟବସ୍ଥା ଧିମା ରହିଥିବା ନେଇ ଯେଉଁ ଆକଳନ କରାଯାଉଥିଲା ଆଜି ଆସିଥିବା ନୂତନ ତଥ୍ୟରୁ ଏହା କିଛି ମାତ୍ରାରେ ସତ୍ୟ ସାବ୍ୟସ୍ତ ହୋଇଛି । ସିଏସଓ ଦ୍ୱାରା ଜାରି ଏହି ତଥ୍ୟରେ ସରକାରଙ୍କ ପାଇଁ ଭଲ ଖବର ମଧ ରହିଛି । ସିଏସଓର ଏହି ରିପୋର୍ଟରେ ୨୦୧୭-୧୮ ସମୟରେ ପ୍ରତି ବ୍ୟକ୍ତି ଆୟ ୫.୩ ପ୍ରତିଶତରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି । ସଦ୍ୟତମ ତଥ୍ୟ ଦେଶର ଅର୍ଥବ୍ୟବସ୍ଥା ପାଇଁ ଶୁଭ ସଙ୍କେତ ନୁହେଁ ବୋଲି କୁହାଯାଉଛି । ଏଥିପାଇଁ ସରକାରଙ୍କୁ ନୂତନ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାକୁ ଗତି ଦେବା ପାଇଁ ନୂତନ ରଣନୀତି

ସୀମାନ୍ତରେ ଏନକାଉଂଟର : ୨ ମାଓବାଦୀ ମୃତ

ମାଲକାନଗିରି,୫।୧(ସକାଳଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା କାବଡଗାଁବ ଜଙ୍ଗଲରେ ଆଜି ସକାଳୁ ମାଓବାଦୀ ଓ ଯବାନ ମଧରେ ଗୁଳି ବିନିମୟ ହୋଇଥିଲା । ଏନକାଉଂଟରରେ ଜଣେ ମହିଳା ମାଓବାଦୀ ସହ ଅନ୍ୟ ଜଣେ ପୁରୁଷ ମାଓବାଦୀର ମୃତ୍ୟୁ ଘଟିଥିବା ବେଳେ ଯବାନମାନେ ମୃତ ମାଓବାଦୀ ନିକଟରୁ ଗୋଟିଏ ୩୦୩ ରାଇଫଲ୍, ଗୁଳି ଭର୍ତି ବନ୍ଧୁକ, ଗୋଟିଏ ଦେଶି ବନ୍ଧୁକ ସହ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରିଛନ୍ତି । ବିଜାପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମୋହିତ ଗର୍ଗଙ୍କ ସୂଚନା ମୁତାବକ, ଗଙ୍ଗାଲୁର ଥାନାରୁ ୨୦୪ ବାଟାଲିଆନର ଯବାନ ଓ ଜିଲ୍ଲା



ଯିଏ ମୋତେ ଭକ୍ତିରେ
ହାତ ଯୋଡିବ ମୁଁ ତା
ପାଖକୁ ପହଞ୍ଚିବି ସେ
ଯେଉଁଠି ଥାଉ ।

ହୁଣ୍ଡିର ଆୟ (୩.୧୧.୧୭)
୪,୪୫,୦୨୭

ଶିକ୍ଷୟିତ୍ରୀଙ୍କୁ ହତ୍ୟା ଘଟଣାରେ ୨ ଅଟକ

ଭୁବନେଶ୍ୱର,୫।୧(ସକାଳଖବର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଡପୋଖରିଆ ନିକଟସ୍ଥ ଏକ ବିଲରୁ ଶିକ୍ଷୟିତ୍ରୀଙ୍କ ମୃତ ଦେହ ମିଳିବା ଘଟଣାରେ ପୋଲିସ୍ ୨ ଜଣଙ୍କୁ ଅଟକ ରଖିଛି । ଏହାସହିତ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଏକ ଠେଙ୍ଗାକୁ ପୋଲିସ ଜବତ କରିଛି। ବାଲୁଗାଁ ଏସଡିପିଓ ଏହି ଘଟଣାର ତଦନ୍ତ କରିବେ ବୋଲି ଖୋର୍ଦ୍ଧା ଏସପି ଦିପ୍ତୀରଞ୍ଜନ ରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ସଂଧ୍ୟାରେ ନିରାକାରପୁର ହରିପୁର ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ ଅଞ୍ଜଳି ଦେହୁରୀଙ୍କ ମୃତ ଦେହ ମିଳିଥିଲା। କେହି ତାଙ୍କୁ ବିଭତ୍ସ ଭାବେ ହତ୍ୟା କରିବା ପରେ ମୁହଁକୁ ଛେଚି ବିବର୍ଣ୍ଣ କରିଦେଇଥିଲା। ସବୁଦିନ ଭଳି କାଲି ଅଞ୍ଜଳି ସ୍କୁଲ ଛୁଟି ହେବା ପରେ ବିଲ ରାସ୍ତା ଦେଇ ବଡ଼ପୋଖରିଆକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ ବିଲ ରାସ୍ତାରେ ହତ୍ୟା କରାଯାଇଥିଲା। ତାଙ୍କର ଘର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ କଂଟାବାଡ ଅଂଚଳରେ। ସେ ବଡ଼ପୋଖରିଆରେ ଏକ ଭଡ଼ା ଘରେ ରହୁଥିଲେ ବୋଲି ସୂଚନା ମିଳିଛି ।

ପୋଲାଭରମ ପ୍ରକଳ୍ପ କେନ୍ଦ୍ରମନ୍ତ୍ରୀଙ୍କ ବକ୍ତବ୍ୟ ଓଡ଼ିଶା ଆଦିବାସୀଙ୍କ ବିଶ୍ୱାସ ପ୍ରତି କୁଠାରଘାତ

ଭୁବନେଶ୍ୱର, ୫।୧(ସକାଳଖବର): ଗତକାଲି ରାଜ୍ୟସଭାରେ ମାନ୍ୟବର ଆଦିବାସୀ ବ୍ୟାପାର କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ବିବୃତି ଆମକୁ ଆଶ୍ଚର୍ଯ୍ୟ କରିଛି । ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର କୌଣସି ଆଦିବାସୀ ପରିବାର ପ୍ରଭାବିତ ହେବେ ନାହିଁ କହିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଏକତରଫା ଭାବେ ଆନ୍ଧ୍ର ସରକାରଙ୍କ ସ୍ୱାର୍ଥ ରକ୍ଷା କରାଯାଉଛି। ଓଡ଼ିଶା ପ୍ରତି ଅବିଚାର କରି ତାଙ୍କୁ ସବୁ ପ୍ରକାର ଆର୍ଥିକ ସହାୟତା ଦିଆଯାଉଛି। ଏଥିରୁ ଭାବନ୍ତୁ ଓଡ଼ିଶା ଆଦିବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ମନୋଭାବ କିପରି ଅଛି। ପୋଲାଭରମ ପ୍ରକଳ୍ପ ମାମଲାରେ ଆମ ଲଢ଼େଇ ଜାରି ରହିବ। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଚକ୍ରାନ୍ତ ଓଡ଼ିଶାବାସୀ ଭଲଭାବେ ବୁଝି ସାରିଛନ୍ତି। ପୋଲଭରମ ପ୍ରକଳ୍ପ ଯୋଗୁଁ ଦକ୍ଷିଣ ଓଡ଼ିଶାରେ ମାଲକାନଗିରି ଜିଲ୍ଲାରେ ମୋଟୁ ତହସିଲର ୧୫ଟି ରାଜସ୍ୱ ଗ୍ରାମ ଓ ୧୦ଟି ପଡ଼ା ଗାଁ ଜଳମଗ୍ନ ହେବାକୁ ଯାଉଛି । ସମୁଦାୟ ୨୫ଟି ଗାଁର ୬୮୧୮ ଲୋକ ବିସ୍ଥାପିତ ହେବେ । ଏହି ବିସ୍ଥାପନ ଯୋଗୁଁ ୫୯୧୬ ଜଣ ଆଦିବାସୀ ଭିଟାମାଟି ହରାଇବେ। ଏଥିରେ ୭୬୫୬ ହେକ୍ଟର ଚାଷ ଓ ଜଙ୍ଗଲ ଜମି ବୁଡ଼ିଯିବ। ଏଭଳି ସ୍ଥଳେ ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଦେଇଥିବା ମନ୍ତବ୍ୟ ଓଡ଼ିଶାର ଆଦିବାସୀ ଅଧ୍ୟୁସିତ ଅଞ୍ଚଳ ପ୍ରତି କେବଳ ଉପେକ୍ଷା ନୁହେଁ ଓଡ଼ିଶାବାସୀଙ୍କର ତାଙ୍କ ପ୍ରତି ଥିବା ବିଶ୍ୱାସର କୁଠାରଘାତ। ଓଡ଼ିଶାବାସୀଙ୍କ ବିଶ୍ୱାସରେ ବିଷ ମିଳାଇଥିବା କେନ୍ଦ୍ରମନ୍ତ୍ରୀଙ୍କ ବକ୍ତବ୍ୟ ବିଜେପିର ଅସଲମୁଖା ଖୋଲି ଦେଇଛି ବୋଲି ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା। ସେ ପୁଣି କହିଥିଲେ ଯେ, ତତକାଳୀନ ୟୁପିଏ ସରକାର ପୋଲାଭରମ ପ୍ରକଳ୍ପକୁ ମଞ୍ଜୁରୀ ଦେବା ପରେ ଏହାକୁ ବିରୋଧ କରି ଆମେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲୁ। ପରେ ବିଧାନସଭାରେ ଏହା ବିରୋଧରେ ୨୦୧୪ ଜୁଲାଇ ୨୮ରେ ସର୍ବଦଳ ସମ୍ମତ ପ୍ରସ୍ତାବ ପାରିତ ହୋଇଥିଲା । ଏହାସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାର ଆଦିବାସୀଙ୍କ ପ୍ରତି ଅନ୍ୟାୟ କରିଚାଲିଛନ୍ତି । ଏନ୍‌ଡିଏ ସରକାର ଏହାକୁ ଜାତୀୟ ପ୍ରକଳ୍ପ ଭାବେ କେଉଁ